# 'ସଂସ୍କୃତ ସାହିତ୍ୟରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ପୁରୀ, ୨୫।୪ (ନି.ପ୍ର): ସଂସ୍କୃତ ସାହିତ୍ୟର ପ୍ରସାରରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନେକ ଲବ୍ଧ ପ୍ରତିଷ୍ଠିତ ଲେଖିକା ସଂସ୍କୃତ ସାହିତ୍ୟର ନୂତନ ଦିଗ ଉଦ୍‌ଭାବନ କରିଛନ୍ତି। ମହିଳାଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସଂସ୍କୃତ ସାହିତ୍ୟ ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ଶିକ୍ଷାବିତ୍ ମତ ଦେଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର 'ସଂସ୍କୃତ ବିଦୁଷୀ ପରମ୍ପରା' ଆଲୋଚନାଚକ୍ର ହୋଇଛି। କୁଳପତି ପ୍ର. ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସଂସ୍କୃତ ସାହିତ୍ୟର ବିକାଶ ପାଇଁ ମହିଳାଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ର. ହରେକୃଷ୍ଣ ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସଂସ୍କୃତ ବିଦୁଷୀଙ୍କ ସହଭାଗିତା ସଂସ୍କୃତ ଶିକ୍ଷା ଓ ଗବେଷଣାକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ଡ. ମମତା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ, ଦେଶବିଦେଶରେ ବହୁ ସଂସ୍କୃତ ଲେଖିକା ରହିଛନ୍ତି। ଭାରତର ବୈଦିକ ପରମ୍ପରା, ସଂସ୍କୃତି, ଐତିହ୍ୟକୁ ସେମାନେ ବଞ୍ଚାଇ ରଖିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀର ଏଭଳି ଉଦ୍ୟମ ସଂସ୍କୃତ ସାରସ୍ୱତ ସାଧିକାଙ୍କୁ ପ୍ରେରଣା ଯୋଗାଇବ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ର. ଜିଏସ୍‌ବି ଦତ୍ତାତ୍ରେୟ ମୂର୍ତ୍ତି ସେଥିରେ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର, ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ, ପ୍ର. ଜୟକୃଷ୍ଣ ମିଶ୍ର, ପ୍ର. ପ୍ରତିଭା ମଞ୍ଜରୀ ରଥ, ପ୍ର. ମିନତି ରଥ, ପ୍ର. ସୁଧୀର ପଣ୍ଡା, ଡ. ନିବେଦିତା କର, ଡ. ପରମ୍ବ୍ରଶ୍ରୀ ଯୋଗମାୟା, ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନୂତନ ନିର୍ଦ୍ଦେଶକ ପ୍ର. ପ୍ରଭାତ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ନୀଳାମ୍ବର ବାଘ ସଂଯୋଜନା କରିଥିଲେ।